# Akashvani, Sambalpur

## SAMBALPURI NEWS EVENING BULLETIN

**05 October 2025- 7.02 pm- 7.12 pm.**

*********************************************

୧- ଆଇଆଇଟି ଭୁବ୍‌ନେଶ୍ୱର୍ ନ ୪ କୋଟି ୯୫ ଲାଖ୍ ଟଙ୍କା ଖର୍ଚ୍ଚାଥି ଥାପ୍‌ନା ହେବା ନମୋ ସେମିକଣ୍ଡକ୍ଟର୍ ପ୍ରୟୋଗ୍‌ଶାଳା ।

୨- ଶହୀଦ୍ ବାଜିରାଉତଙ୍କର୍ ସାହସ୍ ଆର୍ ତ୍ୟାଗ ଓଡ଼ିଆ ଜାତିର୍ ବିରତ୍ୱର୍ କଥା କହେସି -କହେଲେ ମୁଖ୍ୟମନ୍ତ୍ରୀ ।

- ଢେଙ୍କାନାଲ୍ ନୀଳକଣ୍ଠପୁର୍ ଠାନେ ରାଜ୍ୟସ୍ତରୀୟ ଜୟନ୍ତୀ ଶତବାର୍ଷିକୀ ସମାରୋହଥି ଦେଲେ ଯୋଗ୍ ।

୩- ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା କାଏଲ୍ ନୂଆପଡ଼ା ଗସ୍ତଥି ଆସିକରି ଭିନ୍ ଭିନ୍ ପ୍ରକଳ୍ପର୍ କର୍‌ବେ ଶିଳାନ୍ୟାସ୍ ଆଉ ଉଦ୍‌ଘାଟନ୍ ।

ଆଉର୍

୪- ସମାଜ୍ ଲାଗି ଶିକ୍ଷକଙ୍କର୍ ଅବଦାନ୍‌କେ ସମ୍ମାନ୍ ଜନେଇକରି ଆଏଜ୍ ପାଲନ୍ ହେଉଛେ ବିଶ୍ୱ ଶିକ୍ଷକ୍ ଦିବସ୍ ।

ଭୁବ୍‌ନେଶ୍ୱର୍ ନ ସେମିକଣ୍ଡକ୍ଟର୍ ପ୍ରୟୋଗ୍‌ଶାଳା ପି.ଆଇ.ବି.

ଆଇଆଇଟି ଭୁବ୍‌ନେଶ୍ୱର୍ ନ ୪ କୋଟି ୯୫ ଲାଖ୍ ଟଙ୍କା ଖର୍ଚ୍ଚାଥି ନମୋ ସେମିକଣ୍ଡକ୍ଟର୍ ପ୍ରୟୋଗ୍‌ଶାଳା ଥାପ୍‌ନା କର୍‌ବାର୍‌କେ ଇଲେକ୍ଟ୍ରୋନିକ୍ସ ଆଉ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଅନୁମୋଦନ୍ କରିଛନ୍ । ନୂଆଁ ପ୍ରୟୋଗ୍‌ଶାଳା ଯୁଆନ୍ ପିଲା ଟୁକେଲ୍‌ମାନ୍‌କୁ ଶିଳ୍ପ କ୍ଷେତ୍ର ଲାଗି ପ୍ରସ୍ତୁତ୍ କୌଶଲ୍ ସହେତେ ପରିଚିତ୍ କରାବାର୍ ସହେତେ ଦେଶର୍ ଅଭିବୃଦ୍ଧି ଦିଗେ ସାହାଜ୍ କର୍‌ବା । ଇ ବାବ୍‌ଦେ ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ ବିଭାଗ୍ ତର୍‌ଫୁ ଗୁଟେ ରିପୋର୍ଟ...

(ଭଏସ୍ ଓଭର୍- ବିସ୍ମିତା ପଧାନ୍)

*ଆଇଆଇଟି ଭୁବ୍‌ନେଶ୍ୱର୍ ନ ପ୍ରସ୍ତାବିତ୍ ସେମିକଣ୍ଡକ୍ଟର୍ ପ୍ରୟୋଗ୍‌ଶାଳାଥି ସେମି କଣ୍ଡକ୍ଟର୍ ତାଲିମ୍, ଡିଜାଇନ୍ ଆଉ ତିଆର୍ ଲାଗି ଆବଶ୍ୟକ ଉପକରଣ୍ ଆଉ ସଫ୍ଟୱେର୍ ରହେବା । ଉପକରଣ୍ ଲାଗି ପାଖାପାଖି ୪ କୋଟି ୬୦ ଲାଖ୍ ଟଙ୍କା ଆର୍ ସଫ୍ଟୱେର୍ ଲାଗି ୩୫ ଲାଖ୍ ଟଙ୍କା ଖର୍ଚ୍ଚା କରାଯିବା । ଇ ପ୍ରୟୋଗ୍‌ଶାଳା ସାରା ଦେଶେ ହେବାର୍‌କେ ଥିବା ଚିପ୍ ଉତ୍ପାଦନ୍ ଆଉ ପେକେଜିଂ ୟୁନିଟ୍ ଲାଗି ପ୍ରତିଭା ବିକାଶ୍ ଦିଗେ ଭିଲ୍ ସାହାଜ୍ କର୍‌ବା । ସେନ୍ତା ଦେଶେ ଜୋର୍ ବଢ଼ିଚାଲିଥିବା ସେମିକଣ୍ଡକ୍ଟର୍ ଇକୋ ସିଷ୍ଟମ୍‌କେ ତହଁକାବା । ଯେନ୍‌ଟାକି ମେକ୍ ଇନ୍ ଇଣ୍ଡିଆ ଆଉ ଡିଜାଇନ୍ ଇନ୍ ଇଣ୍ଡିଆକେ ବର୍‌କସ୍ କର୍‌ବା । ଭାରତ୍ ନ ପୁର୍‌ଥିର୍*

*୨୦ ପ୍ରତିଶତ୍ ଚିପ୍ ଡିଜାଇନ୍ ପ୍ରତିଭା ଅଛନ୍ ବଲି ଇଲେକ୍ଟ୍ରୋନିକ୍ସ ଆଉ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟ ତରଫୁଁ କୁହାଯାଇଛେ । ନମୋ ପ୍ରୟୋଗଶାଲା ଲାଗି ଆଇଆଇଟି ଭୁବ୍‌ନେଶ୍ୱର୍‌କେ ବାଛ୍‌ବାର୍ ଉଦ୍ଦେଶ୍ୟ ହେଲା ଭାରତ୍ ସେମିକଣ୍ଡକ୍ଟର୍ ମିଶନ୍ ଅଧୀନ୍‌ଥି ଓଡ଼ିଶା ନ ୨ ଟା ସେମି କଣ୍ଡକ୍ଟର୍ ପ୍ରକଳ୍ପ ଥାପ୍‌ନା କର୍‌ବାର୍‌କେ କେନ୍ଦ୍ର ସର୍‌କାର୍ ଆଘୋନୁ ଅନୁମୋଦନ୍ କରିଛନ୍ । ହେଥିର୍‌ଲାଗି ଭୁବ୍‌ନେଶ୍ୱର୍ ନ ସେମିକଣ୍ଡକ୍ଟର୍ ଦିଗେ ଗବେଷଣା ଆଉ ଦକ୍ଷତା ବିକାଶ୍ କରାଯିବା । ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ ବିଭାଗ୍ ତର୍‌ଫୁଁ ବିସ୍ମିତା ପଧାନ୍ ।*

ବାଜିରାଉତ ଜୟନ୍ତୀ-ମୁଖ୍ୟମନ୍ତ୍ରୀ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଶହୀଦ୍ ବାଜିରାଉତଙ୍କର୍ ସାହସ୍ ଆର୍ ତ୍ୟାଗ ଓଡ଼ିଆ ଜାତିର୍ ବିରତ୍ୱର୍ କଥା କହେସି ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଢେଙ୍କାନାଲ୍ ଜିଲ୍ଲା ନୀଳକଣ୍ଠପୁର୍ ଠାନେ ଶହୀଦ୍ ବାଜିରାଉତଙ୍କର୍ ଜନ୍ମ ସ୍ଥଲୀ ନ ରାଜ୍ୟସ୍ତରୀୟ ଶତବାର୍ଷିକୀ ଜୟନ୍ତୀ ସମାରୋହଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ବାଜିରାଉତ୍‌ଙ୍କର୍ ଆଦର୍ଶକେ ବଂଚେଇକରି ରଖ୍‌ବାର୍ ଲାଗି ଭୁବ୍‌ନେଶ୍ୱର୍ ନ ଗୁଟେ ରାସ୍ତା ତାଙ୍କର୍ ନାଁଥି ରଖାଯିବା । ଶହୀଦ୍‌ଙ୍କର୍ ନାଁଥି ଜନକଲ୍ୟାଣ୍‌କାରୀ ଯୋଜ୍‌ନା ମାନ୍ ଭିଲ୍ କାର୍ଯ୍ୟକାରୀ କରାଯିବା । ଶହେ କୁଡ଼େ କୋଟି ଟଙ୍କା ଖର୍ଚ୍ଚାଥି

ଢେଙ୍କାନାଲ୍ ନ ଗୁଟେ ସ୍ପୋର୍ଟସ୍ କମ୍ପ୍ଲେକ୍ସ ତିଆର୍ କରାଯିବା । ଯେନ୍‌ଟାକି ଯୁଆନ୍ ପିଢ଼ିର୍ ଉତ୍‌ଥାନ୍ କେନ୍ଦ୍ର ଭାବେ କାମ୍ କର୍‌ବା । ସେନ୍ତା ଢେଙ୍କାନାଲ୍ ଜିଲ୍ଲା ନ ପାଖାପାଖି ୫୦ ହଜାର୍ କୋଟି ଟଙ୍କାର୍ ଭିନ୍ ଭିନ୍ ଶିଳ୍ପ ପ୍ରକଳ୍ପର୍ ନିହି ପଡ଼ିଛେ । ସେଥିର୍‌ଭିତ୍‌ରୁ ୩୦ ହଜାର୍ କୋଟି ଟଙ୍କାର୍ ସୌରଶକ୍ତି ପ୍ରକଳ୍ପ ରହିଛେ । ଇଥି ଜିଲ୍ଲା ନ ୨୬ ହଜାର୍‌ନୁ ଅଏତ୍‌କା ନିଯୁକ୍ତି ସୁଯୋଗ୍ ସୃଷ୍ଟି ହେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍...

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଇହାଦେ ବାଜିରାଉତଙ୍କର୍ ବାବ୍‌ଦେ ଜାତୀୟ ସ୍ତର୍ ନ ପ୍ରଚାର୍ ପ୍ରସାର୍ କର୍‌ବାର୍ ସମିଆ ଆସିଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଶହୀଦ୍ ବାଜିରାଉତ୍‌ଙ୍କର୍ ପରିବାର୍ ସଦସ୍ୟ ମାନ୍‌କୁ ସମ୍ବର୍ଦ୍ଧିତ୍ କରିଛନ୍ ।

ଶହୀଦ୍ ବାଜିରାଉତ ଜୟନ୍ତୀ I&PR/ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତ୍ ଇତିହାସ୍‌ର ସବୁନୁ କମ୍ ବୟସର୍ ଶହୀଦ୍ ସ୍ୱାଧୀନତା ସଂଗ୍ରାମୀ ମାଏନ୍‌ତା ପାଇଥିବା ଶହୀଦ୍ ବାଜିରାଉତଙ୍କର୍ ଜନ୍ମ ଶତବାର୍ଷିକୀ ଅବ୍‌ସରେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛେ । ଢେଙ୍କାନାଲ୍ ଜିଲ୍ଲା ନୀଳକଣ୍ଠପୁର୍ ଠାନେ ୧୯୨୬ ମସିହା ଅକ୍ଟୋବର୍ ୫ ତାରିଖ୍ ଜନମ୍ ନେଇଥିବା ବାଜିରାଉତ୍ ୧୨ ବଛର୍ ବଏସେ

ଇଂରେଜ୍ ମାନ୍‌କର୍ ବିରୋଧ୍‌ଥି ଲଢ଼ିକରି ଦେଶ୍ ଲାଗି ଜୀବନ୍ ବଳିଦାନ୍ ଦେଇଥିଲେ । ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଶହୀଦ୍ ବାଜିରାଉତଙ୍କର୍ ଜୟନ୍ତୀ ଅବ୍‌ସରେ ଶ୍ରଦ୍ଧାଞ୍ଜଳି ଜନାବାର୍ ସହେତେ ତାଙ୍କର୍ ବଳିଦାନ୍ ଆଏବା ପିଢ଼ିର୍ ଲାଗି ପ୍ରେରଣାର୍ ଉତ୍ସ ହେବା ବଲି କହିଛନ୍ । ଜୟନ୍ତୀ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ବାଚସ୍ପତି ସୁରମା ପାଢ଼ୀଙ୍କର୍ ସହେତେ ଅଲ୍‌ଗା ମାନେ ବିଧାନ୍‌ସଭା ପରିସର୍ ନ ଥିବା ବାଜିରାଉତଙ୍କର୍ ପ୍ରତିମୂର୍ତ୍ତିଥି ଫୁଲ୍‌ମାଲ୍ ଦେଇକରି ଶହୀଦ୍ ବାଜିରାଉତଙ୍କର୍ ତ୍ୟାଗ ଆଉ ବଳିଦାନ୍‌ର ସ୍ମୃତିଚାରଣ୍ କରିଥିଲେ ।

ମୁଖ୍ୟମନ୍ତ୍ରୀ-ନୂଆପଡ଼ା          ନୂଆପଡ଼ା ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା କାଏଲ୍ ନୂଆପଡ଼ା ଗସ୍ତଥି ଆସିକରି ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବେ । ଆଏବା କାଏଲ୍ ନୂଆପଡ଼ା ମିନିଷ୍ଟାଡ଼ିୟମ୍ ଠାନେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଜନସଭାକେ ଉଦ୍‌ବୋଧନ୍ ଦେବାର୍ ସହେତେ ଭିନ୍ ଭିନ୍ ଯୋଜ୍‌ନା ଆଉ ପ୍ରକଳ୍ପର୍ ଶିଳାନ୍ୟାସ୍ ଆଉ ଉଦ୍‌ଘାଟନ୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ । ମୁଖ୍ୟମନ୍ତ୍ରୀଙ୍କର୍ ସହେତେ ଭିନ୍ ଭିନ୍ ବିଭାଗ୍‌ର ମନ୍ତ୍ରୀମାନେ ଭିଲ୍ ଆସ୍‌ବେ । ମୁଖ୍ୟମନ୍ତ୍ରୀଙ୍କର୍ ଗସ୍ତକେ ନେଇକରି ଜିଲ୍ଲା ପ୍ରଶାସନ୍ ତର୍‌ଫୁ

ତୟାରି ଶେଷ୍ ହେଇଛେ ବଲି ଜିଲ୍ଲାପାଲ୍ ମଧୁସୂଦନ୍ ଦାସ କହିଛନ୍ ।

ମୁଖ୍ୟମନ୍ତ୍ରୀଙ୍କର୍ ଗସ୍ତ ଆଘୋନୁ ଆଏଜ୍ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଆଉ ମୁଖ୍ୟମନ୍ତ୍ରୀଙ୍କର୍ ମୁଖ୍ୟ ପରାମର୍ଶଦାତା ପ୍ରକାଶ୍ ମିଶ୍ର ଜିଲ୍ଲା ସର୍କିଟ୍ ହାଉସ୍ ଠାନେ ତୟାରି ବାବ୍‌ଦେ ଆଲୋଚନା କରିଛନ୍ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀଙ୍କର୍ ଅଲ୍‌ଗା ଜରୁରୀ କାମ୍ ଥିବାର୍‌ନୁ ଆଏବା କାଏଲ୍ ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଆଏବା ଅଭିଯୋଗ୍ ଶୁଣାଣିର୍ ତାରିଖ୍ ସମ୍ବାଦ୍‌ପତ୍ର ଜରିଏ ସାଧାରଣ୍ ଲୁକ୍‌କୁ ଜନେଇ ଦିଆଯିବା ।

ଆନ୍ତର୍ଜାତିକ ଶିକ୍ଷକ୍ ଦିବସ୍ ଆର୍‌ଏନ୍‌ୟୁ/ସମ୍ବଲପୁର

ସମାଜ୍ ଲାଗି ଶିକ୍ଷକ୍ ମାନ୍‌କର୍ ଅବଦାନ୍ ଆର୍ ସେମାନ୍‌କର୍ ଗୁରୁତ୍ୱପୂର୍ଣ୍ଣ ଭୂମିକାକେ ସମ୍ମାନ୍ ଜନାବାର୍ ଲାଗି ଆଏଜ୍ ସାରା ପୁର୍‌ଥି ନ ଆନ୍ତର୍ଜାତିକ ଶିକ୍ଷକ୍ ଦିବସ୍ ପାଲିତ୍

ହେଉଛେ । ୧୯୬୬ ମସିହା ୟୁନେସ୍କୋ ତର୍ଫୁ ଶିକ୍ଷକ୍ମାନ୍କର୍ ଅଧିକାର୍ ଆର୍ ଦାୟିତ୍ୱ ଉପ୍ରେ ଗୁଟେ ସମ୍ମିଲନୀ ହେଇଥିଲା । ସମ୍ମିଲନୀଥି ଶିକ୍ଷକ୍ମାନ୍କର୍ ଅଧିକାର୍ ଆର୍ ଦାୟିତ୍ୱ, ନିଯୁକ୍ତି, ଶିକ୍ଷାଦାନ୍ ଆର୍ ଶିକ୍ଷାର୍ ମାନଦଣ୍ଡ ଥିର୍ କର୍ବାର୍ ଲାଗି ୟୁନେସ୍କୋର ସୁପାରିଶ୍ ଗ୍ରହଣ୍ କରାଯାଇଥିଲା । ସେଦିନୁ ଫି ବଛର୍ ଆଝିର୍ ଦିନ୍କେ ଶିକ୍ଷକ୍ ଦିବସ୍ ଭାବେ ପାଲନ୍ କରାଯାଇଆସୁଛେ । ଇ ବଛର୍ ଇ ଦିବସ୍ର ବାର୍ତା ହେଉଛେ 'ଶିକ୍ଷାଦାନକୁ ଏକ ସହଯୋଗୀ ବୃତି ଭାବେ ପୁନଃପ୍ରକାଶ କରିବା' ।

ଶ୍ରୀମଦ୍ ଭାଗବତ୍ ମହୋତ୍ସବ୍-ମୁଖ୍ୟମନ୍ତ୍ରୀ I&PR

ସମାଜ୍ର ବିକାଶ୍ ଲାଗି ୟୁଆନ୍ ପିଢ଼ି ଭାଗବତ୍ ତତ୍ୱକେ ଅପ୍ନାବାର୍ ଉଚିତ ଆଏ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍ନେଶ୍ୱର୍ କଟକ୍ ରୋଡ୍ ତେରାପନ୍ଥ ଭବନ୍ ଠାନେ ଧର୍ମ ଜାଗରଣ୍ ସମିତି ତର୍ଫୁ ହେଇଥିବା ଶ୍ରୀମଦ୍ ଭାଗବତ୍ ମହୋତ୍ସବ୍ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ରାଜ୍ୟର୍ ଫି' ଗାଁ ନ ଭାଗବତ୍ ଟୁଙ୍ଗିମାନ୍କର୍ ପୁନରୁଦ୍ଧାର୍ ଆଉ ଥାପ୍ନା କର୍ବାର୍କେ ରାଜ୍ୟ ସର୍କାର୍ ପ୍ରତିଶ୍ରୁତିବଦ୍ଧ । ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ଦେଶେ ବିକାଶ୍ ସହେତେ ଐତିହ୍ୟକେ ସଂରକ୍ଷଣ୍ କରାଯାଉଛେ । ଅଯୋଧ୍ୟାର୍ ରାମ୍

ମନ୍ଦିର୍ ତିଆର୍, ମହାକୁମ୍ଭ ନ ରେକର୍ଡ଼ ସଂଖ୍ୟାଥି ଶ୍ରଦ୍ଧାଳୁଙ୍କର୍ ସମାଗମ୍, କାଶୀ ବିଶ୍ୱନାଥ କରିଡ଼ର୍, ମହାକାଳ କରିଡ଼ର୍ ତିଆର୍ କର୍‌ବାର୍‌ଟା ଇତାର୍ ବଳିଷ୍ଠ ଉଦାହରଣ୍ ଆଏ ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ସ୍ୱାସ୍ଥ୍ୟମନ୍ତ୍ରୀ-ନୂଆପଡ଼ା ନୂଆପଡ଼ା ସମ୍ବାଦଦାତା

ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଆଏଜ୍ ନୂଆପଡ଼ା ଜିଲ୍ଲା ନ ବିଭାଗୀୟ କାମ୍‌କାଜ୍‌ର ସମୀକ୍ଷା କରିଛନ୍ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାନେ ସ୍ୱାସ୍ଥ୍ୟ ଅଧିକାରୀ, ଡାକ୍ତର୍ ଆଉ କର୍ମଚାରୀମାନ୍‌କର୍ ସାଙ୍ଗେ ବୈଠକ୍ କରିକରି ଭିନ୍ ଭିନ୍ ସ୍ୱାସ୍ଥ୍ୟସେବାର୍ ତଦାରଖ୍ କରିଛନ୍ । ମୁଖ୍ୟ ଚିକିତ୍ସାଳୟର୍ ଡାଇଲିସିସ୍ କେନ୍ଦ୍ର, ସିଟିସ୍କେନ୍, ଏମ୍‌ଆର୍‌ଆଇ ମିସିନ୍‌ର ବେଭାର୍ ଉପ୍‌ରେ ଅଏତ୍‌କା ଧ୍ୟାନ୍ ଦେଇଛନ୍ । ସର୍‌କାରୀ ଚିକିତ୍ସା ସୁବିଧା ଲୁକ୍‌କୁ ଠିକ୍ ଭାବେ ପୁହୁଁଚାବାର୍ ଲାଗି ଇ ଅବ୍‌ସରେ ସ୍ୱାସ୍ଥ୍ୟମନ୍ତ୍ରୀ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ରାଧାଦାମୋଦର ବ୍ରତ ପୁରୀ ସମ୍ବାଦଦାତା

କାର୍ତ୍ତିକ୍ ମାସେ ରାଧାଦାମୋଦର ବ୍ରତ ଲାଗି ହବିଷ୍ୟାଳି ଯୋଜ୍ନାଥି ପଞ୍ଜିକୃତ ହବିଷ୍ୟାଳିମାନେ ଆଏବାକାଏଲ୍ଠାନୁ ଶ୍ରୀକ୍ଷେତ୍ର ପୁରୀକେ ପୁହୁଁଚିବେ । ଶ୍ରୀକ୍ଷେତ୍ର ନ ସେମାନେ ମାସେତକ୍ ବୃନ୍ଦାବତୀ ନିବାସ, ବଗଲା ଧର୍ମଶାଳା, ରେଳବାଇ କଲ୍ୟାଣ୍ ମଣ୍ଡପ୍ ଆଉ ମୋଚିସାହି କଲ୍ୟାଣ୍ ମଣ୍ଡପ୍ ନ ରହିକରି ବ୍ରତ ପାଲନ୍ କର୍ବେ । ଜିଲ୍ଲା ପ୍ରଶାସନ୍ ତର୍ଫୁ ସେମାନ୍କର୍ ରହେବାର୍ ସୁବିଧା ସଙ୍ଗେ ଅଲ୍ଗା ସବୁ ବ୍ୟବସ୍ଥା ଶୃଙ୍ଖଲିତ୍ ଭାବେ ପରିଚାଲନା କର୍ବାର୍କେ ଜିଲ୍ଲାପାଲ୍ ଦିବ୍ୟଜ୍ୟୋତି ପରିଡ଼ା ନିର୍ଦ୍ଦେଶ୍ ଦେଇଛନ୍ । ହବିଷ୍ୟାଳିମାନ୍କର୍ ଶ୍ରୀମନ୍ଦିର୍ ଦର୍ଶନ୍ ଭିଲ୍ ଶୃଙ୍ଖଲିତ୍ ଭାବେ କର୍ବାର୍ ଲାଗି ପୁଲିସ୍ ବିଭାଗ୍ ତର୍ଫୁ ସବୁ ପ୍ରକାର୍ ତୟାରି ଶେଷ୍ ହେଇଛେ ବଲି ଆରକ୍ଷୀ ଅଧିକ୍ଷକ ପ୍ରତୀକ୍ ସିଂ କହିଛନ୍ ।

ଭସାଣି ଯାତ୍ରା-ବୌଦ୍ଧ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାର୍ ଭିନ୍ ଭିନ୍ ସହର୍ ନ ଆଏଜ୍ ଭସାଣି ଯାତ୍ରା ହେଇଯାଇଛେ । ପାରମ୍ପାରିକ୍ ବଜାଗଜା, ଦୁଲ୍ଦୁଲି, ଡିଜେ ସାଙ୍ଗେ ନାଚ୍ଗୀତ୍ଥି ସହର୍ ମାନ୍କେ ଶୋଭାଯାତ୍ରା ଚାଲିଛେ । ସହରର୍ ମାଲିସାହି ଦୁର୍ଗାମଣ୍ଡପ୍, ଗାନ୍ଧୀଛକ୍ର ପୁର୍ନା ଟାଉନ୍ ମେଢ଼, ପୋଡ଼ାପଡ଼ା, କେଉଁଟ୍ସାହି,

ଖଲିଆବଗିଚା ପୂଜାମଣ୍ଡପ୍ ନୁ ଭସାଣି ଶୋଭାଯାତ୍ରା ବାହାରିକରି ସହର୍ ପରିକ୍ରମା କରିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ପାଗ୍ ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ କେତେଟା ଜାଗା ନ ହାଲ୍‌କା ନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେଇପାରେ । ସମ୍ବଲପୁର, ଝାର୍‌ସୁଗୁଡ଼ା, ବର୍‌ଗଡ଼୍, ସୁନ୍ଦର୍‌ଗଡ଼୍, ଦେବ୍‌ଗଡ଼୍ ସହେତେ ରାଜ୍ୟର୍ ୨୦ ଟା ଜିଲ୍ଲା ନ ଧୁକାଗର୍ଡ଼ି ସାଙ୍ଗେ ଘଡ଼୍‌ଘଡ଼ି ମାରିପାରେ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍‌ନୁ ୯ ଟା ଗେଟ୍ ଦେଇକରି ପାଏନ୍ ଛଡ଼ାଯାଉଛେ । ସଞ୍ଝର୍ ୬ ବଜେତକ୍ ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ୬ ଶହ ୨୯ ଦଶ୍‌ମିକ୍ ୪/୭ ଫୁଟ୍ ରହିଛେ ।